## ସଂକ୍ଷେପରେ

### ଶ୍ରୀକାନ୍ତ ସଭାପତି, ସୁରେଶ ସାଧାରଣ ସମ୍ପାଦକ



ତାଳଚେର,୧୭।୭(ମନୋଜ ନନ୍ଦ): ଅନୁଗୋଳ ଜିଲା ତାଳଚେର ବସ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘର ଆଇନ ପରାମର୍ଶଦାତା ହରେକୃଷ୍ଣ ପାତ୍ର ଏହି କାର୍ଯ୍ୟରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ୨୦୨୩-୨୪ ମସିହା ପାଇଁ ସଂଘ ସଭାପତି ଭାବେ ଶ୍ରୀକାନ୍ତ କୁମାର ପାଣି ଓ ସାଧାରଣ ସମ୍ପାଦକ ଭାବେ ସୁରେଶ ଚନ୍ଦ୍ର ସାହୁଙ୍କୁ ଚୟନ କରାଯାଇଥିଲା। ସେହିପରି ଉପସଭାପତି ଭାବେ ସୁମନ କୁମାର ବେହେରା, ଯୁଗ୍ମ ସମ୍ପାଦକ ଭାବରେ ରମେଶ ଚନ୍ଦ୍ର ଶତପଥୀ, କୋଷାଧ୍ୟକ୍ଷ ମଦନ ମୋହନ ମହାନ୍ତି, ସମୀକ୍ଷକ ଭାବେ ନରେଶ ଚନ୍ଦ୍ର ସାହୁଙ୍କୁ ଚୟନ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଶ୍ରୀଧର ସାମଲ, ସୁମନ୍ତ କୁମାର ମଲ୍ଲିକ, ସଞ୍ଜୟ ଘଟୁଆରୀ, ଆଇନ ପରାମର୍ଶଦାତା ଭାବେ ହରେକୃଷ୍ଣ ପାତ୍ର, ପରାମର୍ଶଦାତା ଭାବେ ଦିଲୀପ କୁମାର ପାଣି ଓ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ମନୋନୀତ ହୋଇଥିଲେ।

# ଦୁଇଗୁଣା ଟୋଲ୍ ଫି, ଶ୍ରଦ୍ଧାଳୁଙ୍କୁ ଶୋଷଣ

- କପିଳାସରେ ପ୍ରଶାସନ ନିଷ୍ପତ୍ତିକୁ ବେଖାତିର
- ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ମୁଖ୍ୟ ଶାସନ ସଚିବଙ୍କୁ ଟୁଇଟ୍
- କାର୍ଯ୍ୟାନୁଷ୍ଠାନ ଦାବି କଲେ ପୂର୍ବତନ ବିଧାୟକ

ଢେଙ୍କାନାଳ,୧୭।୭(ରତନ ନାୟାର)

ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସକୁ ଶ୍ରାବଣ ମାସରେ ଜଳଲାଗି ପାଇଁ ଆସୁଥିବା ଶ୍ରଦ୍ଧାଳୁମାନଙ୍କଠାରୁ ଦୁଇଗୁଣା ଟୋଲ୍ ଫି ଆଦାୟ କରାଯାଉଛି। ଏପରି କି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକରେ କରାଯାଇଥିବା ନିଷ୍ପତ୍ତିକୁ ଟୋଲଗେଟ୍ ନିଲାମଧାରୀ ସମ୍ପୂର୍ଣ୍ଣ ଭାବେ ବେଖାତିର କରି ଶ୍ରଦ୍ଧାଳୁମାନଙ୍କୁ ଏପରି ଶୋଷଣ କରୁଥିବାରୁ କାଉଡ଼ିଆମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦେବୋତ୍ତର ବିଭାଗର ରସିଦ ବହିରେ ଉକ୍ତ ବର୍ଦ୍ଧିତ ଟୋଲ୍ ଫି ସମ୍ପର୍କରେ ସ୍ପଷ୍ଟ ଭାବେ ନିଲାମଧାରୀ ଉଲ୍ଲେଖ କରୁଥିଲେ ମଧ୍ୟ ଏ ସମ୍ପର୍କରେ ଜିଲା ପ୍ରଶାସନ ଓ ଦେବୋତ୍ତର ବିଭାଗ ଜାଣି ଅଜଣା ରହିବା ଶ୍ରଦ୍ଧାଳୁମାନଙ୍କୁ ନିରାଶ କରିଛି। ରସିଦ ମାଧ୍ୟମରେ କାହା ସ୍ୱାର୍ଥରେ ଏହି ବର୍ଦ୍ଧିତ ଫି ଆଦାୟ କରାଯାଉଛି ସେ ନେଇ ତଦନ୍ତ କରିବାକୁ ଦାବି ହେଉଥିବା ବେଳେ ଦେବୋତ୍ତର ବିଭାଗର କେତେଜଣ କର୍ମଚାରୀଙ୍କ ଏଥିରେ ସମ୍ପୃକ୍ତି ଥିବା ଅଭିଯୋଗ ହେଉଛି। ଏହି ଘଟଣାରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ପୂର୍ବତନ ବିଧାୟକ ନବୀନ ନନ୍ଦ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଢେଙ୍କାନାଳ ଜିଲାପାଳ ଓ ଦେବୋତ୍ତର ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଶୋଷଣର ଶିକାର ହୋଇଥିବା କେତେଜଣ ଶ୍ରଦ୍ଧାଳୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ମୁଖ୍ୟ ଶାସନ ସଚିବଙ୍କୁ ଟୁଇଟ୍ ମାଧ୍ୟମରେ ଜଣାଇଛନ୍ତି।

ପୂର୍ବତନ ବିଧାୟକ ନନ୍ଦ ଅଭିଯୋଗ କରିଛନ୍ତି ଯେ, ଶ୍ରାବଣ ମାସରେ କପିଳାସରେ ଶ୍ରଦ୍ଧାଳୁମାନଙ୍କ ଭିଡ଼କୁ ଲକ୍ଷ୍ୟ ରଖି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ କରାଯାଇଥିଲା। ଏଥିରେ ବାଇକ୍ ପିଛା ୨୦ ଟଙ୍କା, ଚାରିଚକିଆ ଯାନ ପାଇଁ ୫୦ ଟଙ୍କା ଏବଂ ଟ୍ରକ୍, ବସ୍ ଆଦି ଗାଡ଼ି ପିଛା ୧୦୦ ଟଙ୍କା ଲେଖାଏ ଟୋଲ୍‌ଗେଟ୍‌ରେ ଆଦାୟ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ପ୍ରଶାସନର ଉକ୍ତ ନିଷ୍ପତ୍ତିକୁ ଟୋଲ୍‌ଗେଟ୍ ନିଲାମଧାରୀ ସମ୍ପୂର୍ଣ୍ଣ ଭାବେ ବେଖାତିର କରି ଗାଡ଼ିଗୁଡ଼ିକରୁ ୧୫୦, ୨୦୦ ଏବଂ ୩୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଛନ୍ତି। ବେଆଇନ ଭାବେ ଆଦାୟ ହେଉଥିବା ଏହି ଅତ୍ୟଧିକ ଅର୍ଥ କାହା ପକେଟକୁ ଯାଉଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ପ୍ରତିବାଦ କଲେ ଶ୍ରଦ୍ଧାଳୁଙ୍କୁ ଦୁର୍ବ୍ୟବହାର କରାଯାଉଛି।



ଅଧିକ ଫି ସମ୍ପର୍କିତ ରସିଦ୍ ଓ ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ମୁଖ୍ୟ ଶାସନ ସଚିବଙ୍କୁ କରାଯାଇଥିବା ଟୁଇଟ୍।

ଏଣେ ପୀଠ, ପାହାଡ଼କୁ ପରିଷ୍କାର ପରିଚ୍ଛନ୍ନ କରାଯାଉନାହିଁ। ଶ୍ରଦ୍ଧାଳୁଙ୍କ ବିଶ୍ରାମ ପାଇଁ କୌଣସି ଜାଗା ନାହିଁ। ରାଜ୍ୟ ସରକାର କପିଳାସ ପୀଠର ଉନ୍ନତି ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ଟୋଲଗେଟ୍ ନିଲାମଧାରୀଙ୍କ ସହ ମିଶି ଦେବୋତ୍ତର ବିଭାଗର କେତେଜଣ କର୍ମଚାରୀ ଶ୍ରଦ୍ଧାଳୁମାନଙ୍କୁ ଶୋଷଣ କରିବା ଏହି ଶୈବପୀଠର ସୁନାମରେ ଆଞ୍ଚ ଆଣୁଛି। ଏହା ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମନକୁ ଆଘାତ ପହଞ୍ଚାଉଛି। ଜିଲା ପ୍ରଶାସନ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୂର୍ବତନ ବିଧାୟକ ନନ୍ଦ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ କହିଛନ୍ତି, ଅଭିଯୋଗ ଏବଂ ଟୁଇଟ୍ ବିଷୟରେ ଅବଗତ ଅଛି। ଘଟଣାର ତଦନ୍ତ କରି ସମାଧାନ କରାଯିବ। ଏ ନେଇ ରିପୋର୍ଟ ଦେବାକୁ ଅତିରିକ୍ତ ଦେବୋତ୍ତର ଅଧିକାରୀଙ୍କୁ କୁହାଯାଇଛି।

# ବାରଣ ସତ୍ତ୍ୱେ ୧୫ ହଜାର ଶ୍ରଦ୍ଧାଳୁ

ଢେଙ୍କାନାଳ,୧୭।୭(ରତନ ନାୟାର)

ଚଳିତବର୍ଷ ମଳମାସ ଓ ଯୋଡ଼ା ଶ୍ରାବଣ ପଡୁଥିବାରୁ ରାଜ ପୁରୋଧାଙ୍କ ନିର୍ଦ୍ଧାରିତ ନୀତି ଅନୁଯାୟୀ ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସରେ କେବଳ ଜୁଲାଇ ୧୦, ଅଗଷ୍ଟ ୨୧ ଓ ୨୮ ତାରିଖରେ ଶ୍ରଦ୍ଧାଳୁମାନେ ଜଳଲାଗି କରିପାରିବେ ବୋଲି ପ୍ରଶାସନ ପକ୍ଷରୁ ଆହୁତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଥିଲା। ଫଳରେ ଗତ ୧୦ ତାରିଖ ଶ୍ରାବଣର ପ୍ରଥମ ସୋମବାରରେ ଏହି ପୀଠରେ ୨୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କିନ୍ତୁ ୧୭ ତାରିଖ ଦ୍ୱିତୀୟ ସୋମବାରରେ ଜଳଲାଗିକୁ ବାରଣ କରାଯାଇଥିବା ସତ୍ତ୍ୱେ କପିଳାସରେ ୧୫ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦୂରଦୂରାନ୍ତରୁ ଆସିଥିବା ଏହି କାଉଡ଼ିଆମାନେ ପୀଠର ପାହାଚ ତଳ ରାସ୍ତା ପୂର୍ବରୁ ଥିବା ବୃଷଭଙ୍କ ନିକଟରେ ଏବଂ ଚଣ୍ଡୀ ମନ୍ଦିରଠାରେ ଜଳଲାଗି କରିଥିବା ଜଣାପଡ଼ିଛି। ମଳମାସ ଓ ଯୋଡ଼ା ଶ୍ରାବଣ ପଡୁଥିବାରୁ ନିର୍ଦ୍ଧାରିତ ୩ ସୋମବାର ଛାଡ଼ି ଅନ୍ୟ ସୋମବାର ଗୁଡ଼ିକରେ ଜଳଲାଗି ମନା ହୋଇଥିବା ସମ୍ପର୍କରେ ପୀଠ ପରିସର ଓ ପାଦ ଦେଶରେ ଦେବୋତ୍ତର ବିଭାଗ ପକ୍ଷରୁ କୌଣସି ସୂଚନା, ବ୍ୟାନର ଆଦି ଲଗାଯାଇ ନ ଥିବାରୁ ଭକ୍ତମାନେ ଏ ସମ୍ପର୍କରେ ଜାଣିପାରୁନାହାନ୍ତି ବୋଲି କୁହାଯାଉଛି। ଦେବୋତ୍ତର ବିଭାଗର ସମ୍ପୂର୍ଣ୍ଣ ଅଣଦେଖା ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ କହିଛନ୍ତି, ବାରଣ କରାଯାଇଥିବା ସତ୍ତ୍ୱେ ଶ୍ରାବଣ ଦ୍ୱିତୀୟ ସୋମବାରରେ ପ୍ରାୟ ୧୫ ହଜାର ଶ୍ରଦ୍ଧାଳୁ କପିଳାସ ଆସିଥିଲେ। ତେବେ ସେମାନେ ପାହାଚ ରାସ୍ତା ପୂର୍ବରୁ ଥିବା ବୃଷଭ ଓ ମା' ଚଣ୍ଡୀଙ୍କ ପାଖରେ ଜଳଲାଗି କରିଥିଲେ।

### ବୁଲେଟ ଧକ୍କାରେ ଭାଙ୍ଗିଲା ପାର୍କ, ଥାନାରେ ମାମଲା

ଅନ୍ୟପକ୍ଷରେ ତାଳଚେର ଅଞ୍ଚଳରୁ ଏକ ବୁଲେଟରେ ଆସିଥିବା ୩ଜଣ ଶ୍ରଦ୍ଧାଳୁ ଦ୍ରୁତଗତିରେ ଆସି କପିଳାସ ପାଦ ଦେଶରେ ଶିବମୂର୍ତ୍ତି ଥିବା ପାର୍କକୁ ଧକ୍କା ଦେବାରୁ ଏହା ଭାଙ୍ଗି ଯାଇଛି। ଏପରି କି ପାର୍କରେ ଥିବା ପାଣି ସିଞ୍ଚନ ବ୍ୟବସ୍ଥା ମଧ୍ୟ ଅଚଳ ହୋଇପଡ଼ିଛି। ଦୁର୍ଘଟଣା ନେଇ ଜିଲା ଦେବୋତ୍ତର ବିଭାଗ ପକ୍ଷରୁ ଗଁଦିଆ ଥାନାରେ ଅଭିଯୋଗ କରାଯାଇଛି।


କପିଳାସ ପୀଠ ତଳେ ଶିବଙ୍କ ପ୍ରତିମୂର୍ତ୍ତି ଥିବା ପାର୍କ।

# ଚିତାଲାଗି ଅମାବାସ୍ୟାରେ ସ୍ୱତନ୍ତ୍ର ପୂଜା

ଢେଙ୍କାନାଳ,୧୭।୭(ରତନ ନାୟାର)

ଢେଙ୍କାନାଳ ସହରର ଶ୍ରୀ ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ସୋମବାର କର୍କଟ ସଂକ୍ରାନ୍ତି ଓ ଚାତିଲାଗି ଅମାବାସ୍ୟା ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ସକାଳୁ ମଙ୍ଗଳ ଆଳତି, ମହାସ୍ନାନ ଓ ବସ୍ତ୍ରଲାଗି ସମେତ ବିଭିନ୍ନ ଫୁଲ ଓ ତୁଳସୀ ହାର ଶ୍ରୀଜୀଉଙ୍କ ଠାରେ ଲାଗି କରାଯାଇଥିଲା। ଏହାପରେ ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ଖେଚେଡ଼ି ଭୋଗ, ମଧ୍ୟାହ୍ନରେ ମଙ୍ଗଳାର୍ପଣ ପୂଜା ଓ ମହାପ୍ରଭୁ ବଳରାମଙ୍କୁ ଚିତାଲାଗି କରାଯାଇଥିଲା। ଏଥିରେ ଅନ୍ନ, ଖେଚେଡ଼ି, ଡାଲମା ଓ ଚିତଉପିଠା ଭୋଗଲାଗି ହୋଇଥିଲା। ସନ୍ଧ୍ୟାରେ ଆଳତୀ କରାଯାଇଥିଲା। ପୂଜକ ମନ ସୁମନ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, କାହାଳିଆ ଟିକନ ବେହେରା ଓ ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଚିତାଲାଗି ଅମାବାସ୍ୟା ନୀତି ସମ୍ପନ୍ନ ହୋଇଥିଲା। ସେହିପରି ଢେଙ୍କାନାଳ ସହର ଗାନ୍ଧୀ ମନ୍ଦିର ରୋଡ୍‌ଠାରେ ଥିବା ମା' ତାରିଣୀଙ୍କ ପୀଠରେ ସୋମବାର ଗର୍ଭଣା ସଂକ୍ରାନ୍ତି ଓ ଚିତାଲାଗି ଅମାବାସ୍ୟା ଥିବାରୁ ମା'ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ସକାଳୁ ମଙ୍ଗଳ ଆଳତି ଓ ମହାସ୍ନାନ ପରେ ନୂତନ ବସ୍ତ୍ର ଓ ବିଭିନ୍ନ ପ୍ରକାର ଫୁଲହାର ଲାଗି କରାଯାଇଥିଲା। ଏହାପରେ ଭୋଗଲାଗି ହୋଇଥିଲା। ମଧ୍ୟାହ୍ନରେ ହୋମ ଓ ସନ୍ଧ୍ୟାରେ ଆଳତି କରାଯାଇଥିଲା।


ସିଦ୍ଧ ବଳରାମଜୀଉ ମନ୍ଦିର।


ମା' ତାରିଣୀଙ୍କ ପୂଜା କରାଯାଉଛି।

# ନିଜ ତଣ୍ଟି କାଟିଦେଲେ ଯୁବକ

କଣିହାଁ,୧୭।୭(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ବଡ଼ହୀରା ଗ୍ରାମର ଜଣେ ଯୁବକ ସକାଳେ ଏକ ପନିକିରେ ନିଜ ତଣ୍ଟିକୁ କାଟି ଦେଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅନୁଗୋଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାରୁ ଜଣାଯାଏ, ବଡ଼ହୀରା ଗ୍ରାମର ଶ୍ରୀଧର ବାଘ (୪୦) କୌଣସି କାରଣକୁ ନେଇ ରବିବାର ମାନସିକ ଭାରସାମ୍ୟ ହରାଇଥିଲେ। ନିଜ ପରିବାର ବର୍ଗଙ୍କୁ ଗାଳିଗୁଲଜ କରିବା ସହିତ ରାତିସାରା ଭଗବାନଙ୍କ ନାମ ଜପି ରାସ୍ତାରେ ଘୁରି ବୁଲିଥିଲେ। ସୋମବାର ସକାଳେ ପନିକିରେ ନିଜ ତଣ୍ଟିକୁ କାଟିଦେଇଥିଲେ।

# 'ସଫଳତା ପାଇଁ ଦୃଢ଼ ମନୋବଳ ଜରୁରୀ'

କାମାକ୍ଷାନଗର,୧୭।୭(ସୁଧୀର ପରିଡ଼ା)

କାମାକ୍ଷାନଗର ନିକଟ କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କାନପୁରା ପ୍ରକୃତି ସୁରକ୍ଷା ସମିତି ସଭାପତି ଅଭୟ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ଆର୍ତ୍ତବନ୍ଧୁ ବିଶ୍ୱାଳ, ବଳଭଦ୍ର ରାଉତ, ଗୋଲବାସ ମହାନ୍ତି, କୃଷ୍ଣଚନ୍ଦ୍ର ରାଉତ, ପଙ୍କଜ ଲୋଚନ ମହାନ୍ତି, ଚଞ୍ଚଳା ରାଉତ, ଭୂମିଦାତା କୃଷ୍ଣଚନ୍ଦ୍ର ମହାନ୍ତି, ସାରଙ୍ଗଧର ରାଉତ, ସଦସ୍ୟା ଚଞ୍ଚଳା ସାହୁ, ପୂର୍ବତନ ସଦସ୍ୟା ସୁମିତ୍ରା ରାଉତ, ସଚିପ୍ରିୟା ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଷଡଙ୍ଗୀ, ଆଲୁମିନି ସଭାପତି ନିହାରକାନ୍ତ ରାଉତ, ସଭ୍ୟ ସୁରେଶ ବ୍ରହ୍ମ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ଦୃଢ଼ ମନୋବଳ ଜରୁରୀ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ, ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, ପ୍ରହ୍ଲାଦ ସାହୁ, ଦିଲୀପ ଦାଶ, ସମରେନ୍ଦ୍ର ନାୟକ, ସୌଭାଗ୍ୟ ସାହୁ, ଚିତ୍ତରଞ୍ଜନ ବିଶ୍ୱାଳ, ଆକାଶ ରାଉତ, ଶିକ୍ଷୟିତ୍ରୀ କବିତା ରାଉତ, ପ୍ରଭାତୀ ସାହୁ, ସୁମିତ୍ରା ଜେନା, ଜୟସ୍ମିତା ରାଉତ, ଶିକ୍ଷା କର୍ମଚାରୀ ଗିରିଶ ଚନ୍ଦ୍ର ମହାନ୍ତି, ରବିନାରାୟଣ ରାଉତ, ପ୍ରଶାନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ। ସୁରେଶ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ରକ୍ତ ବର୍ଗୀକରଣ କାର୍ଡ ବିତରଣ



ଢେଙ୍କାନାଳ,୧୭।୭(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ନଡିଆଳୀ ପଞ୍ଚାୟତ ଦଳକ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ୧୨୬ତମ ଜୟନ୍ତୀ ଉପଲକ୍ଷେ ୪୫ଜଣ ଛାତ୍ରୀଛାତ୍ରଙ୍କୁ ରକ୍ତବର୍ଗୀକରଣ କାର୍ଡ ସୋମବାର ପ୍ରଦାନ କରାଯାଇଥିଲା। ଯୁବରାଜ ଅମରଜ୍ୟୋତି ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲାମିନେଟେଡ୍ କରାଯାଇଥିବା ରକ୍ତବର୍ଗୀକରଣ ପ୍ରମାଣପତ୍ରକୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବଣ୍ଟନ କରିଥିଲେ। ପଦ୍ମଭୂଷଣ ଡ. ରାଧାନାଥ ରଥ ଜୟନ୍ତୀ କମିଟି ଢେଙ୍କାନାଳ ସଭାପତି ପ୍ରଦ୍ୟୁମ୍ନ ରଥ ଏଥିରେ ଅଧ୍ୟକ୍ଷତା କରି ଡ. ରଥଙ୍କ ଜନସେବା ସମ୍ପର୍କରେ ସୂଚନା ଦେଇଥିଲେ। ଜୟନ୍ତୀ କମିଟି ଯୁଗ୍ମ ଆବାହକ କ୍ଷେତ୍ରବାସୀ ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସଂଯୁକ୍ତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଘରୋଇ ଟିଉଟୋରିଆଲ ବିରୋଧରେ ମୁହଁ ଖୋଲିଲେ ଛାତ୍ରୀ

ଢେଙ୍କାନାଳ,୧୭।୭(ରତନ ନାୟାର)

ଢେଙ୍କାନାଳର ଏକ ଘରୋଇ ଟିଉଟୋରିଆଲ ହଷ୍ଟେଲରୁ କଲେଜକୁ ପଢିବାକୁ ଯାଉଥିବା ଜଣେ ଯୁକ୍ତ ୨ ଦ୍ୱିତୀୟବର୍ଷ ବିଜ୍ଞାନ ଛାତ୍ରୀ ଦୁଇଦିନ ତଳେ ନିଖୋଜ ହୋଇଯାଇଥିଲେ। ତେବେ ଛାତ୍ରୀଜଣଙ୍କୁ ରବିବାର ଢେଙ୍କାନାଳ ନିକଟସ୍ଥ ୫୫ନଂ ଜାତୀୟ ରାଜପଥରୁ ଟାଉନ ଥାନା ପୋଲିସ ଉଦ୍ଧାର କରି ଡାକ୍ତରୀ ମାଇନା କରିଥିଲା। ଏହାପରେ ତାଙ୍କୁ ପଚରାଉଚରା ବେଳେ ଛାତ୍ରୀଜଣକ ସେ ରହୁଥିବା ଘରୋଇ ଟିଉଟୋରିଆଲ ଓ ଏହାର ହଷ୍ଟେଲ ବିରୋଧରେ ମୁହଁ ଖୋଲିଥିଲେ। ଉକ୍ତ ଟିଉଟୋରିଆଲରେ ଭଲ ପାଠପଢା ହେଉ ନ ଥିଲା। ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ମଧ୍ୟ କର୍ତ୍ତୃପକ୍ଷ ଶୁଣୁ ନ ଥିବାରୁ ମାନସିକ ଚାପରେ ପଳାଇଥିଲେ ବୋଲି ସମ୍ପୃକ୍ତା ଛାତ୍ରୀ ପୋଲିସ ଉପସ୍ଥିତିରେ ସୂଚନା ଦେଇଥିଲେ। ଛତୁ ଫୁଟିବା ଭଳି ଢେଙ୍କାନାଳ ସହରରେ ଘରୋଇ ଟିଉଟୋରିଆଲ ଖୋଲୁଥିବା ବେଳେ ଏଠାରେ କିଭଳି ପାଠପଢା ହେଉଛି ଏବଂ ହଷ୍ଟେଲରେ ଛାତ୍ରୀଛାତ୍ରମାନେ ଚଳୁଛନ୍ତି ସେ ସମ୍ପର୍କରେ କୌଣସି ଯାଞ୍ଚ ହେଉ ନ ଥିବାରୁ ଏଭଳି ଘଟଣା ଘଟୁଥିବା ସାଧାରଣରେ ଆଲୋଚନା ହେଉଛି।

## ମାଲିକଙ୍କୁ ଅପହରଣ ଓ ମାଡ, ୨ ଗିରଫ

ଢେଙ୍କାନାଳ,୧୭।୭(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଏକ ଘରୋଇ ଟିଉଟୋରିଆଲରେ ରହି ପଢୁଥିବା ଜଣେ ନାବାଳିକା କଲେଜ ଛାତ୍ରୀ ନିଖୋଜ ହେବପରେ ସମ୍ପୃକ୍ତ ଛାତ୍ରୀଙ୍କ ପରିବାର ଲୋକେ ଉତ୍ତ୍ୟକ୍ତ ହୋଇ ଟିଉଟୋରିଆଲ ମାଲିକଙ୍କୁ ଉଠାଇନେବା ସହ ବିଭିନ୍ନ ଜାଗାରେ ରଖି ମାଡ ମାରିଥିବା ଅଭିଯୋଗ ହୋଇଛି। ନିଖୋଜ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିବା ପରେ ପରିବାର ଲୋକେ ଟିଉଟୋରିଆଲ ମାଲିକଙ୍କୁ ଛାଡି ଦେଇଛନ୍ତି। ଏହି ଘଟଣା ନେଇ ଟାଉନ ଥାନାରେ ନଂ. ୪୮୫।୨୩ରେ ଏକ ମାମଲା ରୁଜୁ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟଜଣେ ଫେରାର ଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଅଜଣା ଜନ୍ତୁ ଠାବ ପାଇଁ ଲାଗିଲା କ୍ୟାମେରା

ଢେଙ୍କାନାଳ,୧୭।୭(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ସୋଗରପଶି ପଞ୍ଚାୟତ ଆରଦା ଗ୍ରାମରେ ଶନିବାର ଭୋର ସମୟରେ ଚାଷୀ ସାଧୁଚରଣ ରାଉତଙ୍କ ଗୁହାଳରେ ଥିବା ୪୨ ମେଣ୍ଢାଙ୍କ ମୃତ୍ୟୁ ହୋଇଥିଲା। କୌଣସି ଅଜଣା ଜନ୍ତୁ ଆକ୍ରମଣରେ ମେଣ୍ଢାଗୁଡିକ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଇଥିଲା। ତେବେ ଘଟଣା ସମ୍ପର୍କରେ ସ୍ପଷ୍ଟ ହେବା ପାଇଁ ଏବଂ ଅଜଣା ଜନ୍ତୁଙ୍କୁ ଚିହ୍ନଟ କରିବା ନିମନ୍ତେ ବନବିଭାଗ ପକ୍ଷରୁ ସୋମବାର ଅପରାହ୍ନରେ ୩ଟି ଟ୍ରାପ କ୍ୟାମେରା ଉକ୍ତ ଅଞ୍ଚଳରେ ଲଗାଯାଇଛି। ଜିଲା ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ନିର୍ଦ୍ଦେଶରେ ଏହି ୩ଟି କ୍ୟାମେରା ଲାଗିଥିବା ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର ସୂଚନା ଦେଇଛନ୍ତି।


ବନ୍ୟଜନ୍ତୁଙ୍କୁ ଚିହ୍ନଟ କରିବାକୁ ଲଗାଯାଇଥିବା କ୍ୟାମେରା।

# ପାଇକ ପୁରୁଣାକୋଟ ରାସ୍ତାରେ ୩୮ ହାତୀ

ଢେଙ୍କାନାଳ,୧୭।୭(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ପାଇକ ପୁରୁଣାକୋଟ ଗ୍ରାମ ରାସ୍ତାରେ ୨ଦିନ ହେବ ୩୮ ହାତୀ ଚଳପ୍ରଚଳ କରୁଥିବାରୁ ଅଞ୍ଚଳବାସୀ ଓ ଯାତ୍ରୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏହି ହାତୀପଲ ଅନୁଗୋଳ ଜିଲା ବନ୍ତଳା ଅଞ୍ଚଳରୁ ହିନ୍ଦୋଳ ରେଞ୍ଜ ଆଡକୁ ଆସି ପୁଣି ଏଠାରୁ ବନ୍ତଳା ଆଡକୁ ଫେରି ଯାଉଛନ୍ତି। ହାତୀ ପଲଙ୍କୁ ରାସ୍ତାରେ ଦେଖି ଉକ୍ତ ଅଞ୍ଚଳର କେତେଜଣ ନାବାଳକ ପଥର ଧରି ଘଉଡାଇବାରୁ ହାତୀପଲ ଉତ୍ତ୍ୟକ୍ତ ହୋଇ ସେମାନଙ୍କୁ ପାଲଟା

### ଚିଡ଼ାଇବାରୁ ୨ ନାବାଳକ ଅଟକ

ଆକ୍ରମଣ କରିଥିଲେ। ଖବରପାଇ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀମାନଙ୍କୁ ଚିଡ଼ାଉଥିବା ୨ ନାବାଳକଙ୍କୁ ଅଟକ ରଖିଥିଲେ। ପରେ ଅଣ୍ଡରଟେକିଂ ରଖାଯାଇ ସେମାନଙ୍କୁ ଛାଡ଼ିଦିଆଯାଇଥିଲା। ରାସ୍ତାରେ ଚଳପ୍ରଚଳ କରୁଥିବା ଉକ୍ତ ହାତୀ ପଲ ଉପରେ ବନ କର୍ମଚାରୀମାନେ ଦୃଷ୍ଟି ରଖିଛନ୍ତି। ବନ୍ତଳା ରେଞ୍ଜରୁ ଏହି ହାତୀ ଆସିଥିବା ହିନ୍ଦୋଳ ରେଞ୍ଜର ଲୋହିତ ରଥ ସୂଚନା ଦେଇଛନ୍ତି।


ହାତୀ ପଲଙ୍କୁ ୨ ନାବାଳକ ଚିଡ଼ାଉଛନ୍ତି।

# ଯୁବପିଢ଼ିଙ୍କ ସୁସ୍ଥ ଜୀବନଶୈଳୀ ଉପରେ ଗୁରୁତ୍ୱ

### ଟାଟାଷ୍ଟିଲ ପକ୍ଷରୁ ସମବୟସ୍କ ଶିକ୍ଷଣୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଢେଙ୍କାନାଳ,୧୭।୭(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ଫାଉଣ୍ଡେଶନର ରିଜିଓନାଲ ଇନିସିଏଟିଭ୍ ଫର ସେଫ୍ ସେକ୍ସୁଆଲ ହେଲ୍‌ଥ ବାଏ ଷ୍ଟୁଡେସ୍ ଆଡୋଲୋସେଣ୍ଟ ତଥା ରିସ୍ତା ପ୍ରକଳ୍ପ ପକ୍ଷରୁ କିଶୋରୀ କିଶୋରଙ୍କ ପାଇଁ ଏକ ୩ ଦିନିଆ ସମବୟସ୍କ ଶିକ୍ଷଣୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଶିଆଡିହ ପଞ୍ଚାୟତ କାର୍ଯ୍ୟାଳୟଠାରେ ଗତ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ୧୫ଟି ଗ୍ରାମର କିଶୋରୀ କିଶୋର ଯୋଗଦେଇଥିଲେ।

ପ୍ରକାଶ ଯେ, ବିଭିନ୍ନ ସଚେତନମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢିଙ୍କୁ ସୁସ୍ଥ ଜୀବନଶୈଳୀ ଆପଣାଇବା ପାଇଁ ପ୍ରୋତ୍ସାହିତ କରିବା ରିସ୍ତା ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରଶିକ୍ଷଣ ଅଧିବେସନ ପୂର୍ବରୁ ଯୁବ ଅଂଶଗ୍ରହଣକାରୀମାନଙ୍କ ଜ୍ଞାନକୁ ପରଖିବା ପାଇଁ ଏକ ପରୀକ୍ଷା ଆୟୋଜନ କରାଯାଇଥିଲା। ଏଥିସହ କିଶୋର ଅବସ୍ଥାର ପର୍ଯ୍ୟାୟ, ଋତୁସ୍ରାବ ଚକ୍ର ଏବଂ ସ୍ୱଚ୍ଛତା, ପ୍ରଜନନ ପ୍ରଣାଳୀ, ଏହାର କାର୍ଯ୍ୟ ଓ ପୋଷଣ, ଏଚ୍‌ଆଇଭି/ଏଡ୍‌ସ, ଆର୍‌ଟିଆଇ, ଏସ୍‌ଟିଆଇ ଓ ବିବାହ ବୟସ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବଳରାମପୁର, ସିମିନଇ, କାଶିଆଡିହି ଓ ସଦାଶିବପୁର ପଞ୍ଚାୟତର ୧୫ରୁ ୧୯ ବର୍ଷ ବୟସ୍କ ୩୦ ଜଣ କିଶୋରୀ କିଶୋରଙ୍କୁ ନିଜର ମତ ରଖିବା ପାଇଁ ଖୋଲାମଞ୍ଚ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଯୁବ ଅଂଶଗ୍ରହଣକାରୀମାନେ ଆଗାମୀ ଦିନରେ ଗ୍ରାମର ଅନ୍ୟ ଯୁବତୀ ଯୁବକଙ୍କୁ ପ୍ରଶିକ୍ଷଣର ବିଷୟବସ୍ତୁ ସମ୍ପର୍କରେ ସଚେତନ କରାଇବେ। ଟାଟାଷ୍ଟିଲ ଫାଉଣ୍ଡେଶନ ରିସ୍ତା ପ୍ରକଳ୍ପର ବ୍ଲକ ଅଧିକାରୀ କବିତା ଧଳଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁବାସ ବେହେରା, ଝରଣା ବେହେରା ଏବଂ ପ୍ରିୟଦର୍ଶିନୀ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଜାମସେଦପୁରରୁ ଆସିଥିବା ୨ ଅଭିଜ୍ଞ ପ୍ରଶିକ୍ଷକ ମନୋସ୍ମିତା ମହାପାତ୍ର ଓ ଗୋରାଚାନ୍ଦ ମହାତୋ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୨୦୨୨-୨୩ ବର୍ଷରେ ରିସ୍ତା ପ୍ରକଳ୍ପ ପ୍ରାୟ ୭୫୦ ଯୁବତୀ ଯୁବକଙ୍କ ପାଖରେ ପହଞ୍ଚିବାରେ ସକ୍ଷମ ହୋଇଥିବା ବେଳେ ଢେଙ୍କାନାଳ ଜିଲାର ଓଡାପଡା ବ୍ଲକରେ ଥିବା ଟାଟାଷ୍ଟିଲ ମେରାମଣ୍ଡଳି କାରଖାନାର ଆଖପାଖ ୧୫୦ଟି ଗ୍ରାମରେ ଏହା ସଫଳତାର ସହ କାର୍ଯ୍ୟକାରୀ ହୋଇଛି। କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ଅଧୀନରେ କମ୍ପାନୀ ସ୍ୱାସ୍ଥ୍ୟ ପଦକ୍ଷେପର ଏକ ଅଂଶ ଭାବରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିବା ସୂଚନା ମିଳିଛି।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କିଶୋରୀ କିଶୋରମାନେ।

## ସଂକ୍ଷେପରେ

### ଗଣ୍ଡଗୋଳ ଘଟଣାରେ ଜଣେ ଗିରଫ

ଅନୁଗୋଳ,୧୭।୭(ଅମିତ ସାମଲ): ଅନୁଗୋଳ ଜିଲା ବନ୍ତଲା ଥାନା ପୁରୁଣାଗଡ଼ ଗ୍ରାମରେ ଗଣ୍ଡଗୋଳ ଘଟଣାରେ ପୋଲିସ ପୁରୁଣାଗଡ଼ ବ୍ରାହ୍ମଣ ସାହିର ରବି ମହାପାତ୍ର(୨୫)ଙ୍କୁ ଗିରଫ କରିଛି। ପୋଲିସ କହିଛି, ଗତ ଜୁନ ୮ରେ ପୁରୁଣାଗଡ଼ର ଭରତ ମହାପାତ୍ରଙ୍କ ପରିବାର ଲୋକଙ୍କ ସହ ରବିଙ୍କ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ଭରତ ବନ୍ତଲା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ରବି ଘଟଣା ପରଠାରୁ ଫେରାର ଥିଲେ। ଆତ୍ମଗୋପନ କରିଥିବା ସ୍ଥାନରେ ଚଢ଼ାଉ କରି ତାଙ୍କୁ ଗିରଫ କରାଯାଇଥିବା ବନ୍ତଲା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ବାଇକ୍‌ରୁ ପଡ଼ି ଜଣେ ଗୁରୁତର

ଛେଣ୍ଡିପଦା,୧୭।୭(ଅଜିତ ଧଳ): ଛେଣ୍ଡିପଦା ଥାନା ତେନ୍ତୁଲୋଇ ଗ୍ରାମ ଦେଇ ଯାଇଥିବା ଛେଣ୍ଡିପଦା-ଜରପଡା ପୂର୍ତ୍ତବିଭାଗ ରାସ୍ତାର ଦଣ୍ଡବାଙ୍କ ଛକଠାରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଲିପଟା ଗ୍ରାମର ଧନେଶ୍ୱର ବେହେରା ଗୁରୁତର ହୋଇଛନ୍ତି। ଧନେଶ୍ୱର ଛେଣ୍ଡିପଦା ଅଭିମୁଖେ ଆସୁଥିବାବେଳେ ତେନ୍ତୁଲୋଇ ଗ୍ରାମଦଣ୍ଡାବାଙ୍କ ଛକରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

# ପ୍ରତିକାର ଦିଗରେ ନାହିଁ ପଦକ୍ଷେପ

- ହଣ୍ଡପା ରେଞ୍ଜରେ ଥମୁନି ହାତୀ ଉପଦ୍ରବ
- ନଷ୍ଟ ହେଉଛି ଚାଷ, ଉଜୁଡୁଛି ବାଡ଼ିବଗିଚା
- କ୍ଷତିପୂରଣରେ ବହୁ ବିଳମ୍ବ ଯୋଗୁ ଅସନ୍ତୋଷ


ଧାନ ତଳିକୁ ହାତୀ ଦଳି ଦେଇଛି।


ମକା ଫସଲ ନଷ୍ଟ କରିଛି।

**ଦଳି ହୋଇଯାଉଛି ତଳି। ନଷ୍ଟ ହୋଇଯାଉଛି ପରିବା ଫସଲ। ଉଜୁଡ଼ିଯାଉଛି ବାଡ଼ି ବଗିଚା। ହାତୀ ଉପଦ୍ରବକୁ ନେଇ ଏପରି ବାରମ୍ବାର କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି ଶତାଧିକ ଚାଷୀ। ହେଲେ ସ୍ଥାୟୀ ପ୍ରତିକାର ନିମନ୍ତେ ନିଆଯାଉନି ପଦକ୍ଷେପ। ଏପରି କି ତ୍ୱରିତ କ୍ଷତିଭରଣା ଦିଗରେ ମଧ୍ୟ ମନ ଦେଉନି ବନ ବିଭାଗ।**

ବଇଣ୍ଡା,୧୭।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜରେ ଥମୁନି ହାତୀ ଉପଦ୍ରବ। ବନବିଭାଗ ପକ୍ଷରୁ ଠିକ୍ ସମୟରେ ପଦକ୍ଷେପ ନିଆଯାଉ ନ ଥିବାରୁ ଚାଷୀମାନଙ୍କ କ୍ଷୟକ୍ଷତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଦଳ ଦଳ ହୋଇ ଆସୁଥିବା ହାତୀ ବିଲବାଡ଼ିରେ ହୋଇଥିବା ଫସଲ ଖାଇବା ସହ ଦଳି ଚକଟି ନଷ୍ଟ କରିଦେଉଥିବାରୁ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ହାତୀ ସମ୍ପର୍କରେ ସୂଚନା ଦିଆଯାଉଥିଲେ ମଧ୍ୟ ବନ ବିଭାଗ ଘଉଡାଇବାରେ ସହଯୋଗ କରୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

୧୮ ହଜାର ୮୯୪ ହେକ୍ଟର ବିଶିଷ୍ଟ ହଣ୍ଡପା ରେଞ୍ଜ ଅଧୀନରେ ୧୫ଟି ପଞ୍ଚାୟତ ରହିଛି। ଗତ ୨ ସପ୍ତାହ ହେବ ୮ଟି ହାତୀ ଏହି ରେଞ୍ଜର ବିଭିନ୍ନ ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ଲୁହାମୁଣ୍ଡା ଗ୍ରାମର ମହୁଲ ସେଠୀ, ଗୁବୁରି ସାହୁ, ଠେଙ୍ଗୁ ସେଠୀ, ଛୁଟୁ ନାୟକଙ୍କ ବାଦମ ଚାଷକୁ ଦଳିଚକଟି ନଷ୍ଟ କରିଦେଇଛନ୍ତି। ବାଡ଼ିରେ ଥିବା ପଣସ, ଆମ୍ବ ଗଛଗୁଡିକ ଭାଙ୍ଗି ଦେଇଛନ୍ତି। ସେହିପରି ଅଁଳାବେରେଣି ଗ୍ରାମର ଭରତ ଦେହୁରୀ, ଭୀମ ଦେହୁରୀଙ୍କ ଘର ଭାଙ୍ଗି ଦେଇଛନ୍ତି। କଣ୍ଟେଇକୋଳିଆ ଗ୍ରାମର ରବୀନ୍ଦ୍ର ସାହୁ, ଉଦୟ ସାହୁ, ଦିଲୀପ ସାହୁ, ବିନୟ ସାହୁ, ଶ୍ରୀନିବାସ ସାହୁ, ଅଭିରାମ ସାହୁଙ୍କ ଧାନ ତଳିକୁ ଦଳିଚକଟି ଦେଇଥିବା ବେଳେ ଆଖୁ ଫସଲ ଓ ଆମ୍ବ ବଗିଚାକୁ ଉଜାଡ଼ି ଦେଇଛନ୍ତି। ଉଦୟଙ୍କ ଗୁହାଳ ଘର ଭାଙ୍ଗି ଦେଇଥିବାରୁ ଏକ ଗାଈ କ୍ଷତାକ୍ତ ହୋଇଛି। ଇଚ୍ଛାପୁର ଗ୍ରାମର ସନାତନ ସାହୁ, ବଂଶୀଧର ସାହୁ, ଡମ୍ବୁର ଦେହୁରୀ, ବଡ଼ହୁଲା ଗ୍ରାମର ଶାନ୍ତିଲତା ପ୍ରଧାନ, ଗାଁ ବଇଣ୍ଡା ଗ୍ରାମର ଶିବରାମ ସାହୁ, ବିଡିଶିଙ୍ଗି ଗ୍ରାମର ଗିରିଧାରୀ ସାହୁ, ଅରୁଣ ସାହୁ, ଅଲେଖ ସାହୁ, ଗୋବର୍ଦ୍ଧନ ସାହୁ, ଯଶୋବନ୍ତ ପ୍ରଧାନ, ଜଗବନ୍ଧୁ ପ୍ରଧାନ, ବଳରାମ ପ୍ରଧାନ, କୈଳାସ ପ୍ରଧାନ, ସଞ୍ଜୀବ ପ୍ରଧାନ, ଦୀନବନ୍ଧୁ ପ୍ରଧାନ କରିଥିବା ବାଇଗଣ, ପୋଟଳ, ମକା, କଦଳୀ, ଧାନ ଚାଷ ନଷ୍ଟ କରିଦେଇଛନ୍ତି। ତଳି ସବୁ ନଷ୍ଟ ହୋଇଯାଇଥିବାରୁ ଶତାଧିକ ଏକର ଜମିରେ କିପରି ଧାନରୁଆ ଯିବ ତାହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଏହି ଚାଷୀମାନଙ୍କ ୩ ହଜାର ମକା ଗଛ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ସେହିପରି ବାମୁର ରେଞ୍ଜର କଦଳୀମୁଣ୍ଡା, ବାଦୀବାହାଳ, ବାଣପୁର, ଭେଜିଡିହ, ଭଣ୍ଡାରିମୁଣ୍ଡା, ଟୁସର ଗ୍ରାମରେ ହାତୀ ଉପଦ୍ରବ ଯୋଗୁ ଶତାଧିକ ହେକ୍ଟରରେ ହୋଇଥିବା ପରିବା ଫସଲ ନଷ୍ଟ ହେଉଛି। ଦଳ ଦଳ ହୋଇ ଆସୁଥିବା ହାତୀ ସମ୍ପର୍କରେ ହଣ୍ଡପା ରେଞ୍ଜ କାର୍ଯ୍ୟାଳୟକୁ ସୂଚନା ଦିଆଯାଉଥିଲେ ମଧ୍ୟ ହାତୀଙ୍କୁ ଘଉଡ଼ାଇବା ଦିଗରେ ତ୍ୱରିତ ପଦକ୍ଷେପ ନିଆଯାଉ ନ ଥିବା କଣ୍ଟେଇକୋଳିଆ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଗ୍ରାମବାସୀ ଚାନ୍ଦା ଆଦାୟ କରି ସେଥିରେ ବାଣ କିଣି ଓ ରାତିରେ ନିଆଁ ହୁଳା ଜାଳି ହାତୀ ଘଉଡ଼ାଉଛନ୍ତି। ସେହିପରି କ୍ଷତିପୂରଣ ପାଇଁ ଅନ୍‌ଲାଇନରେ ଆବେଦନର ମାସାଧିକ ପରେ ମଧ୍ୟ ସର୍ଭେ କରାଯାଉ ନାହିଁ। ଏପରିକି ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀଙ୍କୁ କିପରି କ୍ଷତିପୂରଣ ମିଳିବ, ସେ ନେଇ ବନ ବିଭାଗ ପକ୍ଷରୁ ସଚେତନତା କରାଯାଉ ନ ଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଉଛି। ଏ ସମ୍ପର୍କରେ ହଣ୍ଡପା ରେଞ୍ଜର ନରେନ୍ଦ୍ର କୁମାର ଗମାଙ୍ଗ କହିଛନ୍ତି, ଜନବସତି ନିକଟରୁ ହାତୀ ପଲଙ୍କୁ କିଭଳି ଜଙ୍ଗଲକୁ ଘଉଡାଯିବ ସେ ନେଇ ପଦକ୍ଷେପ ନିଆଯାଉଛି। କ୍ଷତିଗ୍ରସ୍ତମାନେ ଅନ୍‌ଲାଇନରେ ଅଭିଯୋଗ କଲେ ଶୀଘ୍ର ଚିହ୍ନଟ କରାଯାଇ କ୍ଷତିପୂରଣ ଯୋଗାଇ ଦିଆଯିବ।

### ଆବେଦନ ସତ୍ତ୍ୱେ କ୍ଷତିପୂରଣ ମିଳୁନି



ହଣ୍ଡପା ରେଞ୍ଜରେ ହାତୀ ଉପଦ୍ରବ ଲାଗି ରହିଥିଲେ ମଧ ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଅନେକ ଚାଷୀ ସେମାନଙ୍କ ଫସଲ ହରାଉଛନ୍ତି। ଏ ସମ୍ପର୍କରେ ଅନ୍‌ଲାଇନରେ ଅଭିଯୋଗ କଲେ ମଧ କ୍ଷତିପୂରଣ ମିଳୁନାହିଁ।

-ବିବେକା ବିଶାଳ, ଲୁହାମୁଣ୍ଡା ଗ୍ରାମ ସଭାପତି

### ଠିକ୍ ସମୟରେ ଘଉଡ଼ାଯାଉନି



ଇଚ୍ଛାପୁର ଗ୍ରାମକୁ ହାତୀ ପଶିଆସି ଆଖୁ ଫସଲ ଖାଇ ଦେଉଛନ୍ତି। ବାଦାମ, ପନିପରିବା ଚାଷ ଦଳିଚକଟି ନଷ୍ଟ କରିଦେଉଛନ୍ତି। ଖବରପାଇବା ସତ୍ତ୍ୱେ ଠିକ୍ ସମୟରେ ବନ ବିଭାଗ ହାତୀପଲଙ୍କୁ ଘଉଡାଉ ନ ଥିବାରୁ ଚାଷୀମାନେ ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି।

-ଅମୂଲ୍ୟ ଦେହୁରୀ, ଇଚ୍ଛାପୁର

### ଚିନ୍ତାରେ ଅଛନ୍ତି ଗ୍ରାମବାସୀ



କେବଳ ବିଲରେ ହୋଇଥିବା ଚାଷ ନୁହେଁ, ବାଡ଼ି ବଗିଚାରେ ଥିବା ଆମ୍ବ, ପଣସ ଗଛକୁ ଭାଙ୍ଗି ହାତୀପଲ ନଷ୍ଟ କରିଦେଉଛନ୍ତି। ହେଲେ ବନ ବିଭାଗ ପକ୍ଷରୁ ଏ ବାବଦରେ କ୍ଷତିପୂରଣ ପ୍ରଦାନ କରାଯାଉ ନାହିଁ। ଫଳରେ ଗ୍ରାମବାସୀ ଚିନ୍ତିତ ଅଛନ୍ତି।

-ମେନେକା ସାହୁ, ବିଡିଶିଙ୍ଗି

### ଋଣ କେମିତି ଶୁଝିବ ଚାଷୀ



କାଠ ମାଫିଆମାନେ ଜଙ୍ଗଲ ନଷ୍ଟ କରୁଥିବା ଯୋଗୁ ହାତୀପଲ ଖାଦ୍ୟାଭାବର ଶିକାର ହୋଇ ଗ୍ରାମାଭିମୁଖୀ ହେଉଛନ୍ତି। ଫଳରେ ଚାଷୀମାନେ କରିଥିବା ଫସଲକୁ କ୍ଷତି ପହଞ୍ଚାଉଛନ୍ତି। ଚାଷ ପାଇଁ କରିଥିବା ଋଣ କିପରି ଶୁଝାଯିବ ସେ ନେଇ ଚାଷୀ ଚିନ୍ତାରେ ଅଛି।

-ଅରବିନ୍ଦ ସାହୁ, କଣ୍ଟେଇକୋଳିଆ

### ସ୍ଥାୟୀ ପଦକ୍ଷେପ ନିଆଯାଉ



ହାତୀ ଉପଦ୍ରବ ଯୋଗୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଉଛି। ଏଥିସହ ବନ ବିଭାଗ ଅବହେଳା କରୁଥିବାରୁ ଠିକ୍ ସମୟରେ ଚାଷୀ କ୍ଷତିପୂରଣ ପାଇପାରୁନାହାନ୍ତି। ହାତୀ ଉପଦ୍ରବ ରୋକିବା ଦିଗରେ ଏକ ସ୍ଥାୟୀ ପଦକ୍ଷେପ ନିଆଯାଉ।

-ଅଜିତ ପଟ୍ଟନାୟକ, ଭାଜପା ନେତା

# ଆମ୍ବୁଲାନ୍ସ ଯୋଗାଇ ଦେବାକୁ ଦାବି

ବଇଣ୍ଡା,୧୭।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ବଇଣ୍ଡାଠାରେ ଥିବା ଅସହାୟ ସହାୟତା କମିଟିକୁ ଏକ ସ୍ୱତନ୍ତ୍ର ଗୃହ ଏବଂ ଆମ୍ବୁଲାନ୍ସ ଯୋଗାଇ ଦେବା ପାଇଁ କମିଟି ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କମିଟି ସଭାପତି ସଞ୍ଜୟ କୁମାର ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, ସୁକାନ୍ତ ରଣା ପ୍ରମୁଖ ବିଜେଡି ନେତା ନଳିନୀ ପ୍ରଧାନଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ଏହି କମିଟି ଦ୍ୱାରା ଅନେକ ସାମୂହିକ କାର୍ଯ୍ୟ ସହ ଅସହାୟ, ରୋଗୀଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ହେଲେ ସଂଘର କୌଣସି ନିଜସ୍ୱ ଗୃହ ନାହିଁ। ଫଳରେ ସଂଘର ବୈଠକ କରାଯାଇପାରୁନାହିଁ। ସେହିପରି ରୋଗୀଙ୍କୁ ମେଡିକାଲରେ ପହଞ୍ଚାଇବା ପାଇଁ ସଂଘ ନିକଟରେ ଗାଡ଼ି ନ ଥିବାରୁ ଏକ ଆମ୍ବୁଲାନ୍ସ ଯୋଗାଇ ଦେବା ପାଇଁ ଦାବି କରାଯାଇଛି।


ବିଜେଡି ନେତା ନଳିନୀ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ପରେଡ୍‌ରେ ସାମିଲ ହେବ ପ୍ରଜ୍ଞାପନ ମେଢ଼


ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜନପ୍ରତିନିଧି ଓ ଅଧିକାରୀମାନେ।

ଆଠମଲ୍ଲିକ,୧୭।୭(ଉଦୀପ୍ତ ପୁରୋହିତ)

ଆଠମଲ୍ଲକ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ତହସିଲ ସଭାଗୃହରେ ଉପଜିଲାପାଳ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ଦିବସ ପାଳନ ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ବିଭିନ୍ନ ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଉଦ୍ୟାନ, ଗ୍ରାମ୍ୟ ଜଳଯୋଗାଣ, ବନ ବିଭାଗ, ମିଶନଶକ୍ତି ଆଦି ବିଭାଗର ପ୍ରଜ୍ଞାପନ ମେଢ଼ ପରେଡରେ ପ୍ରଦର୍ଶନ ପାଇଁ ସ୍ଥିର କରାଯାଇଥିଲା। ଜାତୀୟ ପତାକା ଉତ୍ତୋଳନ ପେଣ୍ଡାଲ ପ୍ରସ୍ତୁତି ପାଇଁ ପୂର୍ତ୍ତ ବିଭାଗ, ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିକୁ ରଙ୍ଗ ଓ ଆଲୋକୀକରଣ କରିବାକୁ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଉପଖଣ୍ଡର ସମସ୍ତ ସରକାରୀ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀମାନେ ଜାତୀୟ ପତାକା ଉତ୍ତୋଳନ କରିବାକୁ ଉପଜିଲାପାଳ ସୁନା ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଯଶୋବନ୍ତ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କହଁର, ଏନ୍‌ଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଆଠମଲ୍ଲିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେର, କିଶୋରନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ, ଏନ୍‌ଏସି ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସ୍ୱେଚ୍ଛାସେବୀ ସଙ୍ଗଠନ ସମାଧାନର ସମ୍ପାଦକ ବିନୟ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲାଣ୍ଟ ଭିତରୁ ବଢୁଛି ଚୋରି

ବଡ଼ଅଁରପାଳ,୧୭।୭(ଉପେନ୍ଦ୍ର ରାଉତ)




ଅନୁଗୋଳ ଜିଲାରେ ଥିବା ନାଲ୍‌କୋର ସ୍ମେଲଟର ଓ ସିପିପି ପ୍ଲାଣ୍ଟ ଭିତରୁ କିଛିଦିନ ହେଲା ଚୋରି ବୃଦ୍ଧି ପାଇବାରେ ଲାଗିଛି। ସିଆଇଏସ୍‌ଏଫ ଯବାନମାନେ ୨୪ ଘଣ୍ଟିଆ ଡ୍ୟୁଟି କରୁଥିଲେ ମଧ୍ୟ କିପରି ଚୋରି ହେଉଛି ସେ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। କର୍ମଚାରୀ ମହଲରେ ମଧ୍ୟ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, କିଛିଦିନ ତଳେ ସ୍ମେଲଟର ପ୍ଲାଣ୍ଟ ଭିତରୁ ଏକ ବୋଲେରୋ ଚୋରି ହୋଇଥିଲା। ଏ ନେଇ ବୋଲେରୋ ମାଲିକ ନୂଆହତା ଗ୍ରାମର ଜ୍ୟୋତ୍ସ୍ନାରାଣୀ ମିଶ୍ର ନାଲ୍‌କୋ ଥାନାରେ ଅଭିଯୋଗ କରଥିଲେ। ଏହି ଗାଡ଼ି ପ୍ଲାଣ୍ଟରେ ଭଡାରେ ଲାଗିଥିଲା। ଚାଳକ ସିଦ୍ଧାର୍ଥ ସାହୁ ଏହାକୁ ଚଳାଉଥିଲେ। ମାତ୍ର ଗାଡି ଚୋରି ହୋଇଯାଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। କିନ୍ତୁ ଘଟଣାକୁ ୭ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିପାରି ନାହିଁ। ସେହିପରି ଗତ ଫେବୃୟାରୀ ୨୦ରେ ସ୍ମେଲଟର ପ୍ଲାଣ୍ଟ ଷ୍ଟୋରରୁ ବହୁ ପରିମାଣର କେବୁଲ ଓ କପର ଚୋରି ହୋଇଥିଲା। ଏଥିସହ ସିପିପି ପ୍ଲାଣ୍ଟରୁ ଏଲ୍‌ଇଡି ଲାଇଟ୍ ଓ ଲୁହା ପ୍ଲେଟ ଚୋରି ହୋଇଯାଇଥିଲା। ସ୍ମେଲଟର ପ୍ଲାଣ୍ଟ ପରିସରରୁ ଅନେକ ସମୟରେ ଆଲୁମିନିୟମ ଓ ଅନ୍ୟାନ୍ୟ ଜିନିଷ ଚୋରି ହେଉଥିବା ନଜିର ରହିଛି। ଏ ନେଇ ନାଲ୍‌କୋ ସିଆଇଏସଏଫ କ୍ରାଇମ୍ ଇନ୍ସପେକ୍ଟର କିଶୋର ମୁଣ୍ଡୁ କହିଛନ୍ତି, ପ୍ଲାଣ୍ଟ ଭିତରୁ ବୋଲେରୋ ଚାଳକ ଗାଡ଼ି ନେଇ ଫେରାର ହୋଇଯାଇଛନ୍ତି। ତାଙ୍କ ମୋବାଇଲ ସୁଇଚ ଅଫ ରହିଛି। ପ୍ଲାଣ୍ଟରୁ ଚୋରି କିଭଳି ରୋକାଯିବ ସେ ନେଇ ଧ୍ୟାନ ଦିଆଯିବ। ନାଲ୍‌କୋ ଥାନା ଅଧିକାରୀ ଯାଜ୍ଞସେନୀ ପ୍ରଧାନ କହିଛନ୍ତି, ପ୍ଲାଣ୍ଟରୁ ବୋଲେରୋ ଗାଡ଼ି ଚୋରି ହେଇଥିବା ଅଭିଯୋଗ ହୋଇଛି। ଏ ନେଇ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି।

## ଫଟୋରେ ଖବର


ଢେଙ୍କାନାଳ ଜିଲା ଭୁବନ ବୁଦ୍ଧେଶ୍ୱର ଶୈବପୀଠକୁ ଜଳଲାଗି ପାଇଁ ସୋମବାର କାଉଡ଼ିଆମାନେ ବ୍ରାହ୍ମଣୀ ନଦୀରୁ ପାଣି ନେଇ ଆସୁଛନ୍ତି।

# ୫୯ ଅଭିଯୋଗର ଶୁଣାଣି

ବଡ଼ଅଁରପାଳ,୧୭।୭(ଉପେନ୍ଦ୍ର ରାଉତ)

ବଡ଼ଅଁରପାଳ ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ମୋଟ୍ ୫୯ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ନିମନ୍ତେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲାପାଳ ସନ୍ତୋଷ ପ୍ରଧାନ, ଉପଜିଲାପାଳ ବୈତୁରା ଦୀପ, ବଡ଼ଅଁରପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏଲିଜା ମିଶ୍ରଙ୍କ ସମେତ ଜିଲା ଓ ବ୍ଲକର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଶିବିରରେ ଉପସ୍ଥିତ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

# ପୁନରୁଦ୍ଧାର ହେବ ପରିତ୍ୟକ୍ତ ପୋଖରୀ

**ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ ପୌରପାଳିକାର ୩ ପୋଖରୀ ସାମିଲ**

ଅନୁଗୋଳ, ୧୭।୭ (ଅମିତ କୁମାର ସାମଲ)


ପୋଖରୀ ପୁନରୁଦ୍ଧାର ନିମନ୍ତେ ଡ୍ରୋନ୍ ଜରିଆରେ ସର୍ଭେ କରାଯାଉଛି।

ପରିତ୍ୟକ୍ତ ପୋଖରୀଗୁଡ଼ିକର ହେବ ପୁନରୁଦ୍ଧାର। ଫଳରେ ଅନୁଗୋଳ ସହରରେ ଆଉ ଜଳଉତ୍ସ ନେଇ ସମସ୍ୟା ରହିବ ନାହିଁ। ଏପରି କି ପରିତ୍ୟକ୍ତ ଅବସ୍ଥାରେ ଥିବା ପୋଖରୀରୁ ଆସୁଥିବା ଦୁର୍ଗନ୍ଧ ମଧ୍ୟ ଲୋକଙ୍କ ନାକରେ ବାଜିବ ନାହିଁ। ସ୍ୱଚ୍ଛ ଜଳ ସହ ରଙ୍ଗବେରଙ୍ଗର ଆଲୋକମାଳାରେ ପୋଖରୀ କୂଳ ଝଲସିବ। ଏଥିସହ ଭଳକି ଭଳି ଚାରା ମଧ୍ୟ ପୋଖରୀ ହୁଡ଼ାରେ ଲଗାଯିବ। ଫଳରେ ପୋଖରୀହୁଡ଼ାରେ ବସି ଲୋକେ ପ୍ରକୃତିକୁ ଭରପୂର ଉପଭୋଗ କରିପାରିବେ। ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ ପୌରପାଳିକାର ୩ଟି ପୋଖରୀକୁ 'ଆମ ପୋଖରୀ ଯୋଜନା'ରେ ସାମିଲ କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ସହର ଥିବା କେତେକ ପୋଖରୀ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହୁଥିବାରୁ ଲୋକମାନେ ଏହାକୁ ଡମ୍ପିୟାର୍ଡ ଭାବେ ବ୍ୟବହାର କରୁଛନ୍ତି। ଫଳରେ ଅଳିଆ ଆବର୍ଜନାରେ ଏସବୁ ପୋଖରୀ ପୋତି ହୋଇଗଲାଣି। ତେବେ ସହରବାସୀଙ୍କ ସୁବିଧା ପାଇଁ ଜଳାଶୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ରାଜ୍ୟ ସରକାର ଆମ ପୋଖରୀ ଯୋଜନାରେ ଜଳାଶୟଗୁଡ଼ିର ପୁନରୁଦ୍ଧାର କରିବାକୁ ଯୋଜନା କରିଛନ୍ତି। ଏହି ପୁନରୁଦ୍ଧାର କାର୍ଯ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ ସହରରେ ଥିବା ୩ଟି ପୋଖରୀର ପୁନରୁଦ୍ଧାର କରାଯିବ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି। ଏସ୍‌ଏଚ୍‌ଜି ଏହି କାର୍ଯ୍ୟ କରିବାକୁ ଥିବାବେଳେ ସ୍ନାତକ ପଢ଼ିଥିବା ଯୁବପିଢ଼ୀ ଏଥିରେ ସୁପରଭାଇଜର ଭାବେ କାମ ତୁଲାଇବେ। ସ୍ୱଳ୍ପ ସମୟରେ ଓ ଅଳ୍ପ ଖର୍ଚ୍ଚରେ ପୋଖରୀଗୁଡ଼ିକର ପୁନରୁଦ୍ଧାର କରାଯିବ। ଅନୁଗୋଳ ପୌରପାଳିକାର ୱାର୍ଡ ନଂ. ୩ ଓ ୬ରେ ଥିବା ଗୋଟିଏ ପୋଖରୀ, ୱାର୍ଡ ନଂ ୨୦ ଏବଂ ୱାର୍ଡ ନଂ. ୪ରେ ଥିବା ଏକ ପୋଖରୀର ପୁନରୁଦ୍ଧାର ହେବ। ଏଥିପାଇଁ ଡ୍ରୋନ୍ ସର୍ଭେ ଶେଷ ହୋଇଥିବାବେଳେ ଡିପିଆର ପ୍ରସ୍ତୁତ ଚାଲିଛି। ଏ ନେଇ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ସହରରେ ଜଳଉତ୍ସର ପୁନରୁଦ୍ଧାର ହେବା ସହ ସୁସ୍ଥ ବାତାବରଣ ସୃଷ୍ଟି ହେବ। ଏଥିସହ ମହିଳାମନେ ଆତ୍ମନିର୍ଭରଶୀଳ ହେବେ। ପ୍ରଥମେ ହଳଦିଆକଟା ପୋଖରୀ, ଧୋବା ସାହି ପୋଖରୀ ଓ କିଆବନ୍ଧ ପୋଖରୀକୁ ପାଇଲଟ ପ୍ରୋଜେକ୍ଟ ଭାବେ ହାତକୁ ନିଆଯାଇଛି। ପରବର୍ତ୍ତୀ ସମୟରେ ଅନ୍ୟ ପୋଖରୀଗୁଡ଼ିକୁ ସାମିଲ କରାଯିବ।


ଅନୁଗୋଳ ସହର ୱାର୍ଡ ନଂ. ୪ରେ ଥିବା କିଆବନ୍ଧ ପୋଖରୀ।


ପୁନରୁଦ୍ଧାର ଅପେକ୍ଷାରେ ଥିବା ହଳଦିଆକଟା ପୋଖରୀ

